## ସଂକ୍ଷେପରେ

### ଗଞ୍ଜେଇ ଚାଲାଣବେଳେ ଧରାପଡ଼ିଲେ ବାପ ପୁଅ

ଚନ୍ଦାହାଣ୍ଡି, ୨୦।୯(ଦିଲୀପ ଦାସ)

ଗଞ୍ଜେଇ ଚାଲାଣ ଅଭିଯୋଗରେ ଛତିଶଗଡ଼ ରାଜ୍ୟ ଆମଲିପଦର ପୋଲିସ ବାପା ପୁଅଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ କୋଇଲିମୁଣ୍ଡା ଗ୍ରାମର ଦୁର୍ଯ୍ୟୋ ବଞ୍ଜାରା( ୬୨) ଓ ତାଙ୍କ ପୁଅ କୈଳାସ ବଞ୍ଜାରା। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆମଲିପଦର ଥାନାଧିକାରୀ ଦିଲୀପ ମେଶ୍ରାମ ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇ ମୂଲ୍ୟ ପ୍ର ୭୨ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି।

ସୂଚନାନୁଯାୟୀ, ଦୁର୍ଯ୍ୟ ବଞ୍ଜାରା ଓ କୈଳାସ ଏକ ବାଇକ୍‌ରେ ୫ କେଜି ଗଞ୍ଜେଇ ନେଇ ଛତିଶଗଡ଼ ଚାଲାଣ କରୁଥିଲେ। ଏ ନେଇ ଛତିଶଗଡ଼ ପୋଲିସ ଖବର ପାଇଥିଲା। ଗାରିଆବନ୍ଧ ଜିଲା ଏସ୍‌ପି ଓ ମୈନପୁର ଏସ୍‌ଡିପିଓଙ୍କ ନିର୍ଦ୍ଦେଶ ପାଇ ଆମଲିପଦର ଥାନାଧିକାରୀ କୋଇଲିମୁଣ୍ଡା ବ୍ରିଜ ଓଡ଼ିଶା–ଛତିଶଗଡ ସୀମା ବିରିଘାଟ ଚେକଗେଟ ପାଖରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଗଞ୍ଜେଇ, ବାଇକ ଓ ମୋବାଇଲ ଜବତ କରାଯାଇଛି।

### ୧୦ ଶାଗୁଆନ ଗଣ୍ଡି ଜବତ

ରାଇଘର, ୨୦।୯(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବନ କର୍ମଚାରୀ ୧୦ଟି ଶାଗୁଆନ ଗଣ୍ଡି ଜବତ କରିଛନ୍ତି। ଚାଲାଣକାରୀମାନେ କିନ୍ତୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। କାଠ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ଖୁଡୁକ୍ ବିଟ୍‌ର ଗାର୍ଡ ହେମଲତା ହରିଜନ କୁନ୍ଦେଇ ଥାନା ଅଧୀନ ରାଜପୁର ଗ୍ରାମ ନିକଟରେ ପହଞ୍ଚିଥିଲେ। ବୁଧବାର ଅପରାହ୍ନରେ କୌଣସି ଗାଡ଼ିରେ ଲୋଡ୍ କରିବାକୁ କେତେଜଣ ଲୋକ ୯ଟି ସାଇକେଲରେ ୧୦ ଶାଗୁଆନ ଗଣ୍ଡି ଧରି ସେଠାରେ ପହଞ୍ଚିଥିଲେ। ହେମଲତା ତାଙ୍କୁ ଧରିବାକୁ ଯିବାବେଳେ ସାଇକେଲ ଚାଳକମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଘଟଣାସ୍ଥଳରୁ ୯ ସାଇକେଲ ଓ ୧୦ ଶାଗୁଆନ ଗଣ୍ଡି ଜବତକରି ରାଇଘର ବନ କାର୍ଯ୍ୟାଳୟକୁ ଅଣାଯାଇଥିବା ସୂଚନା ମିଳିଛି।

### ରଥରେ ବିରାଜମାନ ଗଜାନନ

#### ହାଉସିଂ ବୋର୍ଡ ଡେଭଲପମେଣ୍ଟ କମିଟିର ଗଣେଶ ପୂଜା

ରାୟଗଡା,୨୦।୯ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହର ହାଉସିଂ ବୋର୍ଡ କଲୋନୀରେ ଚଳିତ ବର୍ଷ ଧୁମ୍‌ଧାମରେ ଗଣେଶ ପୂଜା କରାଯାଇଛି। ହାଉସିଂ ବୋର୍ଡ ଡେଭଲପମେଣ୍ଟ କମିଟି ପକ୍ଷରୁ ଗଣେଶ ପୂଜାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଘ୍ନ ବିନାୟକଙ୍କ ପ୍ରତିମୂର୍ତ୍ତିକୁ ସୁନାବେଶରେ ଅଳଙ୍କୃତ କରାଯାଇଛି। ଏଥିସହ ଗଜାନନଙ୍କୁ ରଥାରୂଢ଼ କରାଯାଇଛି। ପୂଜା ୧୧ ଦିନ ଧରି ଚାଲିବ। ଏହି ସମୟରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ପରିଚାଳନା କମିଟି କାର୍ଯ୍ୟକାରିଣୀ ସଭାପତି ରାଜେଶ ପାଣିଗ୍ରାହୀ ଏବଂ ସାଧାରଣ ସମ୍ପାଦକ ସଞ୍ଜୀବ ଦାସ କହିଛନ୍ତି। ହାଉସିଂ ବୋର୍ଡ କଲୋନୀର ଏକ ନିଆରା ଢଙ୍ଗରେ ତୋରଣ ଓ ସାଜସଜ୍ଜା ସାଙ୍ଗକୁ ରଙ୍ଗୀନ ଆଲୋକ ଭକ୍ତ ମାନଙ୍କୁ ଆକର୍ଷିତ କରିଛି।



# ରେଳକୋଚ୍ ରେଷ୍ଟୁରାଣ୍ଟରେ ଡଙ୍ଗରିଆଙ୍କ କଳାକୃତି

■ତିଆରି ଚାଲିଛି ଦକ୍ଷିଣ ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ରେଳକୋଚ୍ ରେଷ୍ଟୁରାଣ୍ଟ

■୨୪x୭ ସେବା ଯୋଗାଇବା ନେଇ ସୂଚନା

ରାୟଗଡ଼ା,୨୦।୯ (ଭାଗ୍ୟଶ୍ରୀ ମିଶ୍ର)




ରାୟଗଡ଼ାରେ ନୂତନ ରେଳ ଡିଭିଜନ କାର୍ଯ୍ୟ ଆରମ୍ଭ ହେବା ପରଠୁ ରାୟଗଡ଼ା ରେଳ ଷ୍ଟେଶନ ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। କିଛି ମାସ ହେବ ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରେଳ ବିଭାଗ ପକ୍ଷରୁ ଏକ ଅଲ୍‌ଟ୍ରା ଆଧୁନିକ ରେଳ କୋଚ ରେଷ୍ଟୁରାଣ୍ଟ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଉକ୍ତ ରେଳ ବଗିରେ ରାୟଗଡ଼ା ଜିଲାର ଡଙ୍ଗରିଆଙ୍କ କଳାକୃତି ଦେଖିବାକୁ ମିଳିଛି। ଏହା ଲୋକଙ୍କର ବେଶ୍ ମନ ମୋହୁଛି। ଉଦ୍‌ଘାଟନ ନ ହେବା ଆଗରୁ ହିଁ ଲୋକେ ଏଠାରେ ସେଲ୍ଫି ନେଉଥିବା ଦେଖିବାକୁ ମିଳୁଛି। ଦକ୍ଷିଣ ଓଡ଼ିଶାର ଏହା ପ୍ରଥମ ଅଲ୍‌ଟ୍ରା ରେଳ କୋଚ୍ ରେଷ୍ଟୁରାଣ୍ଟ ବୋଲି କୁହାଯାଉଛି। ଏହା ୨୪x ୭ ସେବା ଯୋଗାଇବ। ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଉଦ୍‌ଘାଟନ କରାଯିବ। ସାଧାରଣ ଲୋକଙ୍କୁ ସୁହାଇବା ଭଳି ଟଙ୍କାରେ ବିଭିନ୍ନ ଖାଦ୍ୟପେୟ ଏଥିରେ ରଖା ଯାଇଥିବା ବିଭାଗୀୟ ସୂତ୍ରରୁ ଜଣା ପଡିଛି। ଜନ୍ମଦିନ ପାର୍ଟି ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ ଏହା ବ୍ୟବହାର କରିପାରିବେ ବୋଲି ଜଣାପଡ଼ିଛି। ରେଲୱେ ଯାତ୍ରୀ, ଅନ୍ୟ ଲୋକମାନେ ଏହି ସୁବିଧା ଉଠାଇପାରିବେ ବୋଲି ଜଣାପଡ଼ିଛି।

ଅମୃତ ଭାରତ ଷ୍ଟେଶନ ଯୋଜନାନୁଯାୟୀ ରାୟଗଡ଼ା ରେଳ ଷ୍ଟେଶନର ଭିତ୍ତିଭୂମିକୁ ବିକାଶ କରାଯାଉଛି। ରାୟଗଡ଼ାର ପୁରାତନ ରେଳ ଷ୍ଟେଶନରେ ପରିତ୍ୟକ୍ତ ଏବଂ ପ୍ରତିବନ୍ଧିତ ହୋଇପଡି ରହିଥିବା ବଗିଟିକୁ ଅତ୍ୟାଧୁନିକ ରେଷ୍ଟୁରାଣ୍ଟ କରାଯାଇଛି। ଏହାର ଭିତର ବାହାରେ ସୁନ୍ଦରଭାବେ ଡଙ୍ଗରିଆଙ୍କ ଚିତ୍ରକଳା ରହିଛି। ଏକ ବେସରକାରୀ ସଂସ୍ଥାକୁ ଟେଣ୍ଡର ଦିଆଯାଇଛି, କିନ୍ତୁ ରେଳ ବିଭାଗ ନିୟମାନୁଯାୟୀ କାର୍ଯ୍ୟ କରାଯିବ। ୫ ବର୍ଷ ପର୍ଯ୍ୟନ୍ତ ଏହି ଟେଣ୍ଡର ରହିବ। ପ୍ରତ୍ୟେକ ୫ ବର୍ଷରେ ମାଲିକାନା ପରିବର୍ତ୍ତନ କରାଯିବ ବୋଲି ରାୟଗଡ଼ା ଷ୍ଟେଶନ ମାଷ୍ଟର ପରମାନନ୍ଦ ବିଡ଼ିକା କହିଛନ୍ତି। ଏହା ରେଳ ବିଭାଗର ଉନ୍ନତୀକରଣ କାର୍ଯ୍ୟରେ ଯାଉଛି। ଷ୍ଟେଶନକୁ ସୁନ୍ଦର କରିବା ସହ ଲୋକଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ଏଭଳି ପ୍ରୟାସ କରାଯାଇଛି ।

# ସିଦ୍ଧେଶ୍ୱର ମନ୍ଦିର ଉନ୍ନୟନ, ବିକାଶ ନେଇ ଅନୁଦାନ ଦାବି

ନବରଙ୍ଗପୁର,୨୦।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ ଭତରା ଶିଉନି ଶୈବପୀଠ ଏକ ପ୍ରାକୃତିକ ସବୁଜିମା ପରିବେଶ ମଧ୍ୟରେ ରହିଛି। ଭତରା ଶିଉନି ପାହାଡ଼ର ଶିଖରରେ ସିଦ୍ଧେଶ୍ୱରଙ୍କୁ ସ୍ଥାପିତ କରାଯାଇଛି। ଚାରିପାଖ ୭,୯,୧୧ ଓ ୧୩ ପତ୍ର ବିଶିଷ୍ଟ ବିଲ୍ ପତ୍ର ଗଛ ସହିତ ତୁଳସୀ, କରଞ୍ଜ, ବାଉଁଶ, ଶାଳ ଓ ମଲ୍ଲି ଫୁଲ ଗଛ ଆଦି ପରିବେଶର ଶୋଭା ମଣ୍ଡିତ କରି ଆସୁଛି। ମନ୍ଦିର ପରିଚାଳନା କମିଟି, ଗ୍ରାମବାସୀ ଓ ଭକ୍ତଙ୍କ ସହଯୋଗରେ ମନ୍ଦିର ଉନ୍ନୟନ କାର୍ଯ୍ୟ ହୋଇଛି। ୨୦୧୭ରେ ଜିଲାସ୍ତରୀୟ ମଣ୍ଡେଇ ଶୁଭାରମ୍ଭ ହେବା ପରେ ପର୍ଯ୍ୟଟନର ବିକାଶ ହେବ ବୋଲି ସମସ୍ତେ ଭାବିଥିଲେ। ସେହି ଅନୁଯାୟୀ ବିକାଶ ହୋଇପାରିଲା ନାହିଁ। ଅନୁଦାନ ମଧ୍ୟ ଆଶାଜନକ ମିଳିଲା ନାହିଁ। ସିଦ୍ଧେଶ୍ୱର ଶୈବପୀଠ ପାଇଁ ଅନୁଦାନ ଅର୍ଥ ଦେବାକୁ ପରିଚାଳନା କମିଟି ଓ ଗ୍ରାମବାସୀ କହିଛନ୍ତି।

ନବରଙ୍ଗପୁର ସଦର ମହାକୁମାରୁ ମନ୍ଦିର ମାତ୍ର ୮ କି.ମି. ଦୂର। ଏହାର ବିକାଶ ପାଇଁ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ ମାର୍ଚ୍ଚ ୧୭ରେ ୫–ଟି ସଚିବଙ୍କ ନବରଙ୍ଗପୁର ଗସ୍ତ ସମୟରେ ଲିଖିତ ଭାବେ ନିବେଦନ କରିଥିଲେ। ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳର ଉନ୍ନତି ପାଇଁ ଅନୁଦାନ ମିଳିଥିଲେ ମଧ୍ୟ ଭତରା ଶିଉନି ସିଦ୍ଧେଶ୍ୱର ଶୈବପୀଠ ପାଇଁ ଅନୁଦାନ ମିଳିଲା ନାହିଁ। ଜିଲାପାଳ ଉକ୍ତ ଶୈବପୀଠର ବିକାଶ ଓ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ପୁଣି ଅବଗତ କରାନ୍ତୁ ବୋଲି ଗ୍ରାମବାସୀ ଦାବି କରୁଛନ୍ତି। ୫–ଟି ସଚବ ଭତରା ଶିଉନି ଶୈବପୀଠର ଉନ୍ନତି ପାଇଁ ପୁନର୍ବାର ବିଚାରକରି ଅନୁଦାନ ପ୍ରଦାନ କରନ୍ତୁ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ବୈଦ୍ୟନାଥ ମାଳି, ରୂପଧର ଦିଶାରି, ଗୋବିନ୍ଦ ଦାସ, ବାଲାଜୀ ପ୍ରସାଦ ମିଶ୍ର, ଜୟରାମ ଭତ୍ରା, ଦେବ ମାଳି, ଚୈତନ୍ୟ ମାଳି, ଟଙ୍କ ମାଳି ପ୍ରମୁଖ ନିବେଦନ କରିଛନ୍ତି।



ସିଦ୍ଧେଶ୍ୱର ମନ୍ଦିର।

# ପିଠା ଖାଇ, ନାଚଗୀତ କରି ଛାତ୍ରୀ ପାଳିଲେ ନୂଆଁଖାଇ

ଡାବୁଗାଁ, ୨୦।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲ ଅନ୍ତେବାସୀ ବୁଧବାର ନୂଆଁଖାଇ ପାଳନ କରିଛନ୍ତି। ଛାତ୍ରୀମାନେ ବିଭିନ୍ନ ପ୍ରକାର ପିଠାପଣା ତିଆରି କରିଥିଲେ। ସନ୍ଧ୍ୟାରେ ସେମାନେ ନାଚଗୀତ କରି ଆନନ୍ଦ ମନରେ ନୂଆଁଖାଇ ପାଳନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ସାମିଲ ହୋଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବିଷୋୟୀ ନୂଆଖାଇ ପର୍ବ ପାଳନ ପାଇଁ ସମସ୍ତ ପ୍ରକାର ସାମଗ୍ରୀ ଯୋଗାଇବା ସହ ଛାତ୍ରୀମାନଙ୍କ ପାଇଁ ସମସ୍ତ ଆୟୋଜନ କରିଥିଲେ। ବିଦ୍ୟାଳୟର କୌଣସି ଛାତ୍ରୀ ନୂଆଁଖାଇ ପର୍ବରେ ଘରକୁ ଯାଇନାହାନ୍ତି। ସମସ୍ତ ଛାତ୍ରୀ ବିଦ୍ୟାଳୟରେ ରହି ମିଳିମିଶି ନୂଆଁଖାଇ ପର୍ବ ହସଖୁସିରେ ପାଳନ କରିଥିଲେ।



ଛାତ୍ରୀମାନେ ପିଠା ତିଆରି କରୁଛନ୍ତି।

## ୮ ବର୍ଷ ପରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଉମରକୋଟ,୨୦।୯ (ସନ୍ତୋଷ ଶତପଥୀ)

ଉମରକୋଟ ଅତିରିକ୍ତ ଜିଲା ଜଜ୍ ଗିରିଜା ପ୍ରସାଦ ମହାପାତ୍ର ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରି ଦୀର୍ଘ ୮ ବର୍ଷ ପରେ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଥିସହ ଜବତ ଗାଡ଼ିକୁ ନଷ୍ଟ କରିଦେବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ହାଟଭରଣ୍ଡି ଗ୍ରାମର ବିଷ୍ଣୁ ହାଲବା ତାଙ୍କ ଓମିନି

**ଗଞ୍ଜେଇ ଚାଲାଣ ମାମଲା**

ଗାଡ଼ିରେ ଗଞ୍ଜେଇ ଚାଲାଣ କରୁଥିବା ୧୧।୨।୨୦୧୫ରେ ସୁନାରପାରା ଗ୍ରାମର ହରିଶ ଚନ୍ଦ୍ର ଗଣ୍ଡ କୁନ୍ଦେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଆଧାର କରି କୁନ୍ଦେଇ ପୋଲିସ ଏକ ମାମଲା ରୁଜୁ କରି ବିଷ୍ଣୁଙ୍କୁ ଗିରଫ କରିବା ସହ ଗାଡ଼ିକୁ ଜବତ କରିଥିଲା। କିଛି ଦିନ ବିଷ୍ଣୁ ଜେଲ୍‌ରେ ରହିବା ପରେ ଜାମିନରେ ବାହାରିଥିଲେ। ୩୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉମରକୋଟ ଅତିରିକ୍ତ ଜିଲା ଜଜ୍ ଗିରିଜା ପ୍ରସାଦ ମହାପାତ୍ର ବିଷ୍ଣୁ ହାଲବାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ବିଷ୍ଣୁଙ୍କ ସପକ୍ଷରେ ବରିଷ୍ଠ ଆଇନଜୀବୀ ବାଳକୃଷ୍ଣ ପାତ୍ର ଓ ସାନ୍ତନୁ କୁମାର ବାହିନୀପତି, ମାନସ ତ୍ରିପାଠୀ ମକଦ୍ଦମା ଲଢୁଥିଲେ।

# ମା ଦକ୍ଷିଣ କାଳୀଙ୍କ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

ଗୁଣପୁର, ୨୦।୯(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣୁପୁର ଆଇଟିଡିଏ ଅଫିସ ନିକଟରେ କାଳୀ ପୂଜା ମଣ୍ଡପରେ ମଙ୍ଗଳବାର ମା ଦକ୍ଷିଣ କାଳୀଙ୍କ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଜିବନାନନ୍ଦ ଶତପଥୀ ପୁରୋହିତ, ବିମଳ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବଂଶଧାରା ନଦୀ ଘାଟରେ ପୂଜା ପାଠ କରି ନଦୀରୁ ମାଟି ଅଣାଯାଇଥିଲା। କାଳୀ ମଣ୍ଡପରେ ସେହି ମାଟିକୁ ପୂଜା କରାଯିବା ପରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ନଭେମ୍ବର ୧୨ରୁ ମହାଆଡ଼ମ୍ବରରେ ମା ଦକ୍ଷୀଣ କାଳୀ ପୂଜା ୭ ଦିନ ଧରି ଅନୁଷ୍ଠିତ ହେବ। ଚଳିତ ବର୍ଷ ୧୭ ବର୍ଷରେ ମା'ଙ୍କ ପୂଜା ପଦାର୍ପଣ କରିବଥ କାର୍ଯ୍ୟକ୍ରମରେ ସଭାପତି ରାଧାକୃଷ୍ଣ ପଟ୍ଟନାୟକ, ପ୍ରଭାତ ମହାପାତ୍ର, ଅଜିତ ପଣ୍ଡା, ପ୍ରଦୀପ ପାଢ଼ୀ, ବାବୁଲି ଖାଡଙ୍ଗା, ଟୁକୁରୁ ପାଣିଗ୍ରାହୀ, ଗଜା ପାଳ, ଗଣେଶ୍ୱର ଶତପଥୀ, ବିରଞ୍ଚି ପାଣିଗ୍ରାହୀ , ପି. ନଗୁ, ସନ୍ତୋଷ ପଣ୍ଡା, ପ୍ରଶାନ୍ତ ମିଶ୍ର, ଚିକୁ ବାବୁ, ରାମ ଚନ୍ଦ୍ର ପଟ୍ଟନାୟକ, ଅଶୋକ ଚୌଧୁରୀ, ସୀମାଞ୍ଚଳ ଆଚାର୍ଯ୍ୟ, ବିଜୟ ରଥ, ଅଜିତ ପାଢ଼ୀ, ପ୍ରଭାକର ବାଙ୍ଗାରୀ, ଶିବ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ଶୁଭ ଖୁଣ୍ଟି ସ୍ଥାପନ ପାଇଁ ପୂଜାର୍ଚ୍ଚନା ଚାଲିଛି ।

# ମଧୁବୈଶ୍ୟ ସମାଜର ସାଧାରଣ ବୈଠକ




ବୈଠକରେ ମଞ୍ଚାସୀନ ଅତିଥିମାନେ।

**ଜୟପୁର, ୨୦।୯ (ପବନ ପାଣିଗ୍ରାହୀ)**

ମଧୁବୈଶ୍ୟ ସମାଜର ଏକ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜୟପୁର ଚନ୍ଦନବାଡସାହିସ୍ଥିତ ରଶିକ ଶିରୋମଣି ମନ୍ଦିର ପରିସରରେ ହୋଇଥିବା ଏହି ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତଥି, ସମ୍ମାନିତ ଅତିଥି ରୂପେ ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ରଶିକ ଶିରୋମଣି ମନ୍ଦିର ପରିସରରେ ଥିବା ଗଣେଶ ମନ୍ଦିରର ବିକାଶ ପାଇଁ ସମାଜ ସଦସ୍ୟମାନେ ବିଧାୟକ ବାହିନୀପତିଙ୍କୁ ଅନୁରୋଧ କରିଥିଲେ। ବିଧାୟକ ବାହିନୀପତି ଗଣେଶ ମନ୍ଦିରର ବିକାଶ ପାଇଁ ୩ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ମାଟିତଳୁ ଜବତ

**ନବରଙ୍ଗପୁର,୨୦।୯(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଞ୍ଚଳର ଜଣେ ନିଖୋଜ ଯୁବକଙ୍କ ମୃତଦେହ ବୁଧବାର ପାପଡ଼ାହାଣ୍ଡି ଥାନା ବାବାଜୀଗୁଡା ଜଙ୍ଗଲରୁ ମିଳିଛି। ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ମୃତକ କୋଡ଼ିଙ୍ଗା ଥାନା ଅଞ୍ଚଳରେ ବିଦ୍ୟୁତ୍ ତାର ଚୋରାଇବା ସମୟରେ କରେଣ୍ଟ ଲାଗି ତାଙ୍କର ମୃତ୍ୟୁ ହୋଇଥିବା ଶୁଣାଯାଉଛି। ମୃତକ ହେଲେ ଝରିଗାଁ ଥାନା ଛୋଟଗୁଡ଼ା ଡିଏନ୍‌କେ ରାଜା ମଲକା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ପଚରା ଉଚରା କରୁଛି।

ସୂଚନାନୁଯାୟୀ, ରାଜା ମଲକା ଲୁହା ସାମଗ୍ରୀ କିଣା ବିକା କରନ୍ତି। ରବିବାର ତେଣୁ ଡାବୁଗାଁ ଥାନା ଝାଲିଆଗୁଡ଼ାକୁ ଲୁହା କିଣିବାକୁ ଯାଉଛି କହି ଘରୁ ବାହାରି ଯାଇ ଆଉ ଫେରି ନ ଥିଲେ। ରାତିରେ ପରିବାର ଲୋକେ ଖୋଜା ଖୋଜି କରିବା ପରେ ତାଙ୍କର କିଛି ପତ୍ତା ମିଳିନ ଥିଲା। ପରିବାର ଲୋକେ ଝରିଗାଁ ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଥିଲେ। ପୋଲିସ ତାଙ୍କ ମୋବାଇଲ ଟ୍ରାକିଂ କରି ଝାଲିଆଗୁଡ଼ା ଗ୍ରାମର ୨ ଜଣ ବ୍ୟକ୍ତି ରାଜାଙ୍କ ସହ କଥା ହୋଇଥିବା ଜାଣିଥିଲେ। ସେମାନଙ୍କୁ ଧରି କୋଡ଼ିଙ୍ଗା, ଝରିଗାଁ, ଡାବୁଗାଁ ଓ ମୈଦଲପୁର ପୋଲିସ ମିଳିତ ଭାବେ ବାବାଜୀଗୁଡା ଜଙ୍ଗଲରୁ ମୃତଦେହକୁ ମାଟି ତଳୁ ଜବତ କରିଛି। ନବରଙ୍ଗପୁର ଜିଲା ମୁଖ୍ୟଚିକିତ୍ସାଳୟରେ ବ୍ୟବଚ୍ଛେଦ କରିବାକୁ ମୃତଦେହ ପଠାଯାଇଛି। ପୋଲିସ ତଦନ୍ତ ଜାରି ରଖିଛି।

ରାଜା ଡାବୁଗାଁ ଅଞ୍ଚଳରୁ ନିଖୋଜ ଥିବା ଓ ସେ ଗାଡି (ଓଡ଼ି–୨୪ଏଫ୍–୪୫୬୬) ନେଇ ସାଥିରେ ଯାଇଥିବା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ରାଜାଙ୍କ କୌଣସି ଖବରପାଇଲେ ଯୋଗାଯୋଗ କରିବାକୁ ୨ଟି ମୋବାଇଲ ନମ୍ବର ଦିଆଯାଇଥିଲା। ତେବେ ପୋଲିସ ତଦନ୍ତ ପରେ ହିଁ ରାଜାଙ୍କ ମୃତ୍ୟୁ କିଭଳି ହେଲା ତାହା ଜଣାପଡ଼ିବ।

# ଶୁଦ୍ଧିକ୍ରିୟା କରି ନ ପାରିବାରୁ ପୋତିଥିଲେ ମୃତଦେହ

ପାପଡ଼ାହାଣ୍ଡି/ମୈଦଲପୁର,୨୦।୯ (ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

■ ମାଟିତଳୁ ମୃତଦେହ ବାହାରକଲା ମୈଦଲପୁର ପୋଲିସ

■କଳାହାଣ୍ଡି ଜିଲା ଗୋତମୁଣ୍ଡା ଗ୍ରାମର ଅଭିରାମ ଧାରୁଆଙ୍କ ରାୟପୁରରେ ମୃତ୍ୟୁ

ନବରଙ୍ଗପୁର ଜିଲା ମୈଦଲପୁର ଥାନା ଅଧୀନ ଗୁଜମାପଦର ଗ୍ରାମ ନିକଟ ଜଙ୍ଗଲରୁ ବୁଧବାର କଳାହାଣ୍ଡି ଜିଲା ଗୋତମୁଣ୍ଡା ଗ୍ରାମର ଅଭିରାମ ଧାରୁଆଙ୍କ ଅଧାପୋତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଉଦ୍ଧାର ପରେ ବ୍ୟବଚ୍ଛେଦ କରାଇ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାନୁଯାୟୀ, ମୈଦଲପୁର ଥାନା ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଅଭିରାମଙ୍କ ମୃତଦେହ ଜଙ୍ଗଲରେ ପୋତାଯାଇଥିବା ନେଇ ଖବର ପାଇଥିଲା। ଏହାପରେ ପୋଲିସ ଅଭିରାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଅଭିରାମଙ୍କ ସ୍ତ୍ରୀ ବାଲମତି ସ୍ୱାମୀଙ୍କ ମୃତ୍ୟୁ ଖବର ଜାଣିଥିବା ପୋଲିସକୁ କହିଥିଲେ। ଅଭିରାମ ରାୟପୁରରେ ରହି କାମ କରୁଥିବାବେଳେ ଅସୁସ୍ଥ ହୋଇ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ତାଙ୍କ ସାଙ୍ଗମାନେ ଅଭିରାମଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଟଙ୍କା ଅଭାବରୁ ରାୟପୁରକୁ ଯାଇପାରିବି ନାହିଁ, ମୃତଦେହ ଘରକୁ ଆଣିଲେ ଶୁଦ୍ଧିକ୍ରିୟା କରି ପାରିବି ନାହିଁ ତେଣୁ ମୃତଦେହକୁ ଜଙ୍ଗଲ ଦେଖି ପୋତିଦେବାକୁ ବାଲମତି ସେମାନଙ୍କୁ କହିଥିବା ପୋଲିସକୁ ଜଣାଇଥିଲେ। ମୈଦଲପୁର ପୋଲିସ କେସ ନଂ ୧୦/୨୩ରେ ଅପମୃତ୍ୟୁ ମାମଲା ରଜୁ କରିଥିଲା। ବୁଧବାର ସକାଳେ ଆଡିସନାଲ ଏସ୍‌ପି ବଟକୃଷ୍ଣ ମିଶ୍ର, ନବରଙ୍ଗପୁର ଆଇଆଇସି ସମ୍ବିତ ବେହେରା, ନବରଙ୍ଗପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ପାପଡ଼ାହାଣ୍ଡି ମେଡିକାଲ ଡାକ୍ତର ପ୍ରିୟରଞ୍ଜନ ବାହାଲି, ମୋହନ ଦାସ ଓ ମୈଦଲପୁର ପୋଲିସ ଜଙ୍ଗଲକୁ ଯାଇ ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ପୋତା ହୋଇଥିବା ସ୍ଥାନରେ ପଡ଼ିଥିବା ମନିପର୍ସ, ଆଧାରକାର୍ଡ, ମେଡିକାଲ କାଗଜପତ୍ର ପୋଲିସ ଯାଞ୍ଚ କରିଥିଲା। ଅଭିରାମଙ୍କ ସ୍ତ୍ରୀ ବାଲମତି ଓ ଗ୍ରାମର କେକେତଜଣ ଭଦ୍ରବ୍ୟକ୍ତି ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଥିବା ମୈଦଲପୁର ଥାନାଧିକାରୀ ନଟବର ନନ୍ଦ କହିଛନ୍ତି।



ମୃତଦେହ ପୋତା ହୋଇଥିବା ସ୍ଥାନରେ ପୋଲିସ, ମୃତକଙ୍କ ପରିବାର ଲୋକେ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଆଇନଜୀବୀ, ଖବରଦାତାଙ୍କୁ ବସ୍ କର୍ମଚାରୀଙ୍କ ଆକ୍ରମଣ

ସୁନାବେଡ଼ା/ସେମିଲିଗୁଡ଼ା, ୨୦ା୯ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

ଏକ ଘରୋଇ ବସ୍ କର୍ମଚାରୀଙ୍କ ଆକ୍ରମଣରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକ ଗୁରୁତର ହୋଇଥିବା ସେମିଲିଗୁଡା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ସେମିଲିଗୁଡା ଅଞ୍ଚଳର ବରିଷ୍ଠ ଆଇନଜୀବୀ ବସନ୍ତ ନନ୍ଦଙ୍କ ପୁଅ ଦୀପ୍ତେଶ୍ୱର ପ୍ରସାଦ (୪୭) ନିଜ ଗାଡ଼ିର ଏକ ଜିନିଷ ଭୁବନେଶ୍ୱରକୁ ପଠାଇବା ପାଇଁ ରାତି ପ୍ରାୟ ସାଢେ ୧୦ଟା ବେଳେ ଅନ୍ନପୂର୍ଣ୍ଣା ବସ୍ (ଓଡ଼ି୦୨ ବିଜେ-୯୫୭୬) ନିକଟକୁ ଯାଇଥିଲେ। ସେଠାରେ ଡ୍ରାଇଭରଙ୍କୁ ଜିନିଷଟି ଦେବା ପରେ ସମ୍ପୃକ୍ତ ଡ୍ରାଇଭର ଜିନିଷଟିକୁ ବାହାରକୁ ଫୋପାଡି ଦେଇଥିଲେ। ପରେ ଦୀପ୍ତେଶ୍ୱର ପଚାରିବାରୁ ବସ୍‌ର ସମସ୍ତ କର୍ମଚାରୀ ଦୀପ୍ତେଶ୍ୱରଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ଦୀପ୍ତେଶ୍ୱର ପେଷାରେ ଜଣେ ଆଇନଜୀବୀ। ଏହା ଦେଖି ନିକଟରେ ଛିଡା ହୋଇଥିବା ଧରିତ୍ରୀ ପ୍ରତିନିଧି ବାସୁଦେବ ବରାଡ଼ ଘଟଣାର ସମାଧାନ ପାଇଁ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ କଣ୍ଡକ୍ଟର ଓ ଡ୍ରାଇଭର ଆକ୍ରମଣ କରିଥିଲେ। ପରେ ବସ୍‌ଟି ସେଠାରୁ ଯାତ୍ରୀଙ୍କୁ ନେଇ ପଳାଇଥିଲା। ଏନେଇ ଦୀପ୍ତେଶ୍ୱର ବୁଧବାର ସେମିଲିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଉଭୟ ଦୀପ୍ତେଶ୍ୱର ଓ ବାସୁଦେବଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରିଥିଲା। ଏ ସଂକ୍ରାନ୍ତରେ ସେମିଲିଗୁଡା ଥାନା କେସ୍ ନଂ. ୧୨୭/୨୩ ରେ ଏକ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ଦିଗନ୍ତ ପ୍ରଭୁସହାୟ ଏହାର ତଦନ୍ତ ଦାୟିତ୍ୱରେ ଅଛନ୍ତି।

### ମା'ଦକ୍ଷିଣକାଳୀ ମନ୍ଦିର ବିକାଶ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି

ଜୟପୁର, ୨୦ା୯ (ପବନ ପାଣିଗ୍ରାହୀ)

ଜୟପୁରର ଅଧିଷ୍ଠାତ୍ରୀ ଦେବୀ ମା'ଦକ୍ଷିଣକାଳୀଙ୍କ ମନ୍ଦିରରେ ବୁଧବାର ବିଧାୟକ ତାରାପ୍ରସାଦ ବାହନୀପତି ପହଞ୍ଚି ରାଷ୍ଟ୍ର ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ପରେ ସେ ସେଠାରେ ମନ୍ଦିର କର୍ମଚାରୀ ଓ ଶ୍ରଦ୍ଧାଳୁମାନଙ୍କ ସହ କିଛି ସମୟ ଆଲୋଚନା କରିଥିଲେ। ଏହି ସମୟରେ ବାହିନୀପତି ମନ୍ଦିର ବିକାଶ ପାଇଁ ୧୦ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ବୈଷୟିକ ଟିମ୍‌କୁ ଡାକି ଆଲୋଚନା କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ବିଧାୟକ ବାହନୀପତିଙ୍କ ସହ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ନିହାର ବିଷୋୟୀ ଉପସ୍ଥିତ ଥିଲେ।

### ବିଜେଡି ସାଙ୍ଗଠନିକ ବୈଠକ

ଜୟପୁର, ୨୦ା୯ (ପବନ ପାଣିଗ୍ରାହୀ)

ଜୟପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ମଞ୍ଚସୀନ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲ୍ଲା ସଭାପତି ଝିନ୍ନ ହିକ୍କା, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପର୍ଯ୍ୟବେକ୍ଷକ ରାଜ୍ୟ ସମ୍ପାଦକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପ୍ରକାଶ ମହାନ୍ତି, କୌଶଲ୍ୟା ହିକକା, ବ୍ଲକ ଅଧ୍ୟକ୍ଷା, ପୌରପାଳିକା ଉପାଧ୍ୟକ୍ଷଙ୍କ ସମେତ କାଉନସିଲର, ଜୟପୁର, ବୋରିଗୁମ୍ମା ବ୍ଲକର ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ଜିଲ୍ଲାରେ ୩, ୭୯୦ ହେକ୍ଟର ଜମିରେ ଆଳୁଚାଷ

କୋରାପୁଟ, ୨୦ା୯ (ଅମିତାଭ ବେହେରା)


ଦଶମନ୍ତପୁର ବ୍ଲକର ଏକ ଜମିରେ ହୋଇଥିବା ଆଳୁଚାଷ।

କୋରାପୁଟ ଜିଲ୍ଲାରେ ଚଳିତ ବର୍ଷା ଋତୁରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ୪ ହଜାର ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୩ ହଜାର ୭୯୦ ହେକ୍ଟର ଜମିରେ ଆଳୁଚାଷ କରାଯାଉଥିବା ଜିଲ୍ଲା କୃଷି ଅଧିକାରୀ ସୁଦାମ ଚରଣ ବିଶ୍ୱାଳ କହିଛନ୍ତି। ଜିଲ୍ଲାରେ ଆଳୁ ଚାଷ ପାଇଁ ଅନୁକୂଳ ପରିବେଶ ରହିଥିବାରୁ ଗତ କିଛି ବର୍ଷ ହେଲା ଖରିଫ ଋତୁରେ ଚାଷୀ ଆଳୁଚାଷ କରି ଆର୍ଥିକ ଉନ୍ନତି ଆଣି ପାରୁଥିବାରୁ ଜିଲ୍ଲାରେ ବର୍ଷକୁ ବର୍ଷ ଆଳୁ ଚାଷ ବୃଦ୍ଧି ପାଇଛି। ଚଳିତ ବର୍ଷ ଜିଲ୍ଲାର ଦଶମନ୍ତପୁର, ନନ୍ଦପୁର, ସେମିଲିଗୁଡା, ପଟ୍ଟାଙ୍ଗି ଆଦି ବିଭିନ୍ନ ବ୍ଲକରେ ଆଳୁ ଚାଷ ଆରମ୍ଭ ହୋଇଛି। ଗତ କିଛି ଦିନ ତଳେ କୋରାପୁଟ ଗସ୍ତରେ ଆସିଥିବା କୃଷି ସଚିବ ଅରବିନ୍ଦ ପାଢ଼ୀ ଜିଲ୍ଲା କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀଙ୍କ ସହ ଜିଲ୍ଲାର ଦଶମନ୍ତପୁର ବ୍ଲକ ପୋଡାଗଡ, ପଟ୍ଟାମାଲିଗୁଡା ଅଞ୍ଚଳ ସମେତ ଅନ୍ୟ ଅଞ୍ଚଳ ବୁଲି ସେଠାରେ ହୋଇଥିବା ଆଳୁ ଚାଷ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। କୋରାପୁଟ ଜିଲ୍ଲାରେ ୪ ହଜାର ହେକ୍ଟର ଜମିରେ ବର୍ଷାଦିନିଆ ଆଳୁ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୯୩ ପ୍ରତିଶତ ଅର୍ଥାତ ୩ ହଜାର ୭୯୦ ହେକ୍ଟର ଜମିରେ ଆଳୁ ଚାଷ କରାଯାଇଛି। ଦଶମନ୍ତପୁର ବ୍ଲକରେ ସିୱାଇଏସ୍‌ଡି ପକ୍ଷରୁ ଉଦ୍ୟାନ ବିଭାଗ ସହଯୋଗରେ ୬ ପଞ୍ଚାୟତରେ ୩୨୦ ଜଣ ଚାଷୀଙ୍କୁ ନେଇ ୪୧୦ ଏକର ଜମିରେ ଖରିଫ ଆଳୁ ଚାଷ କରାଯାଉଛି। ବର୍ତ୍ତମାନ ଚାଷ ହୋଇଥିବା ଆଳୁ ଗଛରେ ଫୁଲ ଆସିଛି। ଗତ କିଛିଦିନ ତଳେ ବର୍ଷା ଅଭାବ ଯୋଗୁ ଆଳୁ ଅମଳରେ ବାଧା ସୃଷ୍ଟି ହେବ ବୋଲି ଚାଷୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଗତ କିଛି ଦିନ ଧରି ଜିଲ୍ଲାରେ ବର୍ଷାର ପରିମାଣ ବୃଦ୍ଧି ହୋଇଥିବା ଏବଂ ଗଛରେ ଭଲ ଭାବେ ଫୁଲ ଆସିଥିବାରୁ ଚଳିତ ଖରିଫ ଋତୁରେ ଆଳୁ ଭଲ ଅମଳ ହେବ ବୋଲି ପୋଡାଗଡ ପଞ୍ଚାୟତ ପୁରିମୁଣ୍ଡା ଗ୍ରାମର ଚାଷୀ ଲମ୍ବୋଧର ଖରା କହିଛନ୍ତି। ଚଳିତ ବର୍ଷ ସେ ୨ ଏକର ଜମିରେ ଆଳୁ ଚାଷ କରିଥିବା ପ୍ରକାଶ କରିଛନ୍ତି। ଏକର ପିଛା ୨୫ରୁ ୩୦ କୁଇଣ୍ଟାଲ ଆଳୁ ଉତ୍ପାଦନ ନେଇ ଅଞ୍ଚଳର ଚାଷୀ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ଚଳିତ ବର୍ଷ ଗୋଟିଏ ଗୋଟିଏ ପେଚ୍‌ରେ ୨୦ରୁ ୩୦ ଏକର ଜମିରେ ଆଳୁ ଚାଷ ହୋଇଥିବା ସିୱାଇଏସ୍‌ଡିର ସଂଯୋଜକ ଆନନ୍ଦ ମଲିକ କହିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲାର ବହୁ ଜମିରେ କେବଳ ଧାନ, ମାଣ୍ଡିଆ, ସୁଆଁ, ଅଦା ଆଦି ଚାଷ ହେଉଥିବା ବେଳେ ସରକାର ଓ ସିୱାଇଏସ୍‌ଡି ସହଯୋଗରେ ଆଳୁ ଚାଷ ଦିନକୁ ଦିନବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି।

# ଅପହରଣ ମାମଲାରେ ଜଣେ ଗିରଫ

**୩ ଦିନ ହେଲା ଏକ ଘରେ ରଖି ଦେଉଥିଲେ ନିର୍ଯାତନା**

ଜୟପୁର, ୨୦ା୯ (ପବନ ପାଣିଗ୍ରାହୀ)

ଅପହରଣ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ବୁଧବାର ସଦର ପୋଲିସ ଗିରଫ କରିଛି। ସେ ହେଲେ ଗଡପଡର ଗ୍ରାମର ନରେନ୍ଦ୍ର ହରିଜନ (୨୦)। ଖବରରୁ ଜଣାପଡିଛି, ବିହାରର ଆଲୋକ ପାଶୱାନ (୩୦)ଙ୍କୁ ଦେଢମାସ ହେବ ଜଣେ ବ୍ୟକ୍ତି ଫୋନ କରି ଆସୁଥିଲେ। ସମୟକ୍ରମେ ତାଙ୍କ ଅନୁରୋଧ ରକ୍ଷାକରି ଆଲୋକ ଟ୍ରେନ୍‌ରେ ବିଶାଖାପାଟଣାରୁ ବାହାରି ଜୟପୁର ରେଳ ଷ୍ଟେଶନରେ ଗତ ୧୭ ତାରିଖରେ ପହଞ୍ଚିଥିଲେ। ୨ଜଣ ବ୍ୟକ୍ତି ତାଙ୍କୁ ରେଳ ଷ୍ଟେଶନକୁ ଆସି ଏକ ବାଇକ୍‌ରେ ନେଇଥିଲେ। ଏକ ଅଜଣା ଜାଗାରେ ତାଙ୍କୁ ଏକ ଘରେ ରଖି ତାଙ୍କ ପରିବାରକୁ ଫୋନ ପେ ଜରିଆରେ ୨ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ଟଙ୍କା ନ ଦେଲେ ଆଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଆଲୋକଙ୍କ ବାପାଙ୍କୁ କଲ୍ କରିବାରୁ ସେ ଫୋନ ପେ ମାଧ୍ୟମରେ ୪୦ ହଜାର ଟଙ୍କା ପଠାଇଥିଲେ। ଏହା ପରେ ମଧ୍ୟ ସମ୍ପୃକ୍ତ ୨ ବ୍ୟକ୍ତି ବଳକା ଟଙ୍କା ଆଣିବାକୁ ତାଙ୍କ ଉପରେ ଅତ୍ୟାଚାର କରୁଥିଲେ। ଗତ ୧୯।୯।୨୩ରେ ବଳକା ଟଙ୍କା ଆଣିବାକୁ ଦାବି କରି ଆଲୋକଙ୍କ ଉପରେ ଅତ୍ୟାଚାର କରିବାରୁ ସେ ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଥିଲେ। ଶେଷରେ ଅଭିଯୁକ୍ତମାନେ ମୋବାଇଲ ଫୋନ ଓ ୧୦ ହଜାର ଟଙ୍କା ଛାଡି ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଆଲୋକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଗଡପଡର ଗ୍ରାମର ନରେନ୍ଦ୍ର ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲାରେ ଜଡିତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରଖିଥିବା ସଦର ଥାନା ଅଧିକାରୀ ଦାୟିତ୍ୱରେ ଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରକୁ ବିପଜ୍ଜନକ ରାସ୍ତା

ସୁନାବେଡା, ୨୦ା୯ (କୃତ୍ତିବାସପ୍ରଧାନ)


ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିବା ରାସ୍ତା।

ସୁନାବେଡା ପୌର ପରିଷଦ ଅନ୍ତର୍ଗତ ସୁନାବେଡା ଶିଶୁ ସମନ୍ୱିତ ଅଧିକାରୀଙ୍କ ଅଧୀନରେ ୮୫ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ସେମିଲିଗୁଡାର ଗୋପବନ୍ଧୁ ନଗରରେ ଥିବା ୩ ନଂ. ଅଙ୍ଗନୱାଡି କେନ୍ଦ୍ର ଅନ୍ୟତମ। ଏହି କେନ୍ଦ୍ରକୁ ଯିବାକୁ ଥିବା ରାସ୍ତା ବିପଜ୍ଜନକ ହୋଇପଡିଛି। ପାଠ ପଢିବାକୁ ଆସୁଥିବା ୪୦ ଜଣ କୁନି କୁନି ପିଲା ଏହି ରାସ୍ତାରେ ଯାତାୟାତ ବେଳେ କେତେବେଳେ ଯେ ଅଘଟଣର ଶିକାର ନ ହେବେ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। କେନ୍ଦ୍ରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ବଡବଡ ଖାଲମାନ ରହିଛି। ଏହି ଅଙ୍ଗନୱାଡି କେନ୍ଦ୍ରରେ ମାସରେ ଥରେ ଗୋପବନ୍ଧୁ ନଗରର ୨,୩,୫ ନଂ ଓ କାକିଗାଁର ୧,୨,୩ ନଂ. ଅଙ୍ଗନୱାଡି କେନ୍ଦ୍ରର ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ପ୍ରତିଷେଧକ ଟିକା ଦେବାର ବ୍ୟବସ୍ଥା ହୋଇଛି। ବିଗତ ଦିନରେ ଟିକା ନେବାକୁ ଆସୁଥିବା କିଛି ଗର୍ଭବତୀ ମହିଳା ଖାଲରେ ପଡି ଆହତ ହୋଇଥିବାର ନଜୀର ମଧ୍ୟ ରହିଛି। ଅଙ୍ଗନୱାଡି କେନ୍ଦ୍ରକୁ ଭଲ ରାସ୍ତା ନିର୍ମାଣ ପାଇଁ ବହୁବାର ଦାବି ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୌର ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଏନେଇ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମଳିନି। ଏସମ୍ପର୍କରେ ସୁନାବେଡା ସିଡିପିଓ ନଳିନୀ ବେହେରାଙ୍କୁ ପଚାରିବାରୁ ସେ କହିଲେ, ସେ ୧୫ ଦିନ ହେବ ନୂଆ କରି ଏଠାକୁ ଆସିଛି। ଅଭିଯୋଗ ସମ୍ପର୍କରେ ଠିକ୍ ଭାବେ କିଛି ଜାଣି ନାହିଁ। ତେବେ ସମ୍ପୃକ୍ତ କେନ୍ଦ୍ର ପରିଦର୍ଶନ କରି ଉପରିସ୍ଥ ଅଧିକାରୀଙ୍କୁ ଏନେଇ ଜଣାଇବି ବୋଲି ସେ କହିଛନ୍ତି।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ଜୟପୁର, ୨୦ା୯ (ପବନ ପାଣିଗ୍ରାହୀ)

ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରି ସ୍ୱାମୀ ଗିରଫ ହୋଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ସଦର ପୋଲିସ ପାମ୍ପୁଣି ଗ୍ରାମର ରାମକୃଷ୍ଣ ପଣ୍ଡାଙ୍କୁ ଗିରଫ କରିଛି। ଫାମ୍ପୁଣିର ମଞ୍ଜୁଲତାଙ୍କୁ ତାଙ୍କ ସ୍ୱାମୀ ରାମକୃଷ୍ଣ ତଣ୍ଟି ଚିପି ହତ୍ୟା ଉଦ୍ୟମ କରୁଥିଲେ ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି। ସେ ପାଟି ଶୁଣି ପଡୋଶୀମାନେ ପହଞ୍ଚି ଉଦ୍ଧାର କରିଥିଲେ। ସେମାନଙ୍କ ସମ୍ମୁଖରେ ମଧ୍ୟ ରାମକୃଷ୍ଣ ମଞ୍ଜୁଲତାଙ୍କୁ ହତ୍ୟା ଧମକ ଦେଇଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ରାମକୃଷ୍ଣଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଟାଉନଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

## ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପଟ୍ଟାଙ୍ଗି, ୨୦ା୯ (ଶରତ ଧଳ)

ସରକାରଙ୍କ ଯୋଜନାଗୁଡିକୁ କିପରି ନିଜେ ଜାଣିବା ପରେ ଅନ୍ୟକୁ ଜଣେଇବା ଏହି ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ କରିବାରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପଛରେ ପଡିନାହିଁ। ବ୍ଲକର କୋଟିଆ ପଞ୍ଚାୟତର ଥୁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ କୃପାପ୍ରସାଦ ଜାନିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିଡିଓ ସୁକାନ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଜିଲ୍ଲା ପରିଷଦ ସଭ୍ୟା ଟିକାଇ ଗେମେଲ, ବ୍ଲକ ମଙ୍ଗଳ ଅଧିକାରୀ ଅନିଲ ସେଠୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅତିରିକ୍ତ ଅଧ୍ୟକ୍ଷ ରୁଷି ପ୍ରଧାନ, ଡିଓ ସନ୍ତୋଷ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକଙ୍କୁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳଗୁଡିକରେ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକୁ ପ୍ରଥମେ ନିଜେ ଭଲ ଭାବେ ବୁଝି ଅନ୍ୟମାନଙ୍କୁ ବୁଝାଇବାକୁ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ସୁଧୀର ଗୁଣ୍ଠା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁରୁଣା ପେନ୍‌ସନ ଭାରତ ଯାତ୍ରା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ସଂଘ କର୍ମକର୍ତ୍ତାମାନେ।

ମାଲକାନଗିରି, ୨୦ା୯ (ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶା ପ୍ରାଥମିକ ଶିକ୍ଷକ ଫେଡେରେଶନ, ଭୁବନେଶ୍ୱର, ମାଲକାନଗିରି ଜିଲ୍ଲା ଶାଖା ତରଫରୁ ସ୍ଥାନୀୟ ଡିଏନ୍‌କେ ଖେଳ ପଡ଼ିଆରେ ପୁରୁଣା ପେନ୍‌ସନ ଭାରତ ଯାତ୍ରା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହରିୟାଣାରୁ ପୁରୁଣା ପେନ୍‌ସନ ଭାରତ ଯାତ୍ରା ସଚେତନତା ରଥ ବାହାରି ପଶ୍ଚିମବଙ୍ଗ ରାଜ୍ୟ ଅତିକ୍ରମ କରି ଓଡ଼ିଶାର ବିଭିନ୍ନ ଜିଲ୍ଲା ପରିକ୍ରମାକରି ମାଲକାନଗିରିରେ ପହଞ୍ଚିଲା। ପ୍ରଥମେ ବିରାଟ ପଟୁଆରରେ ସହର ପରିକ୍ରମାକରି ସଚେତନତା ରଥ ଡିଏନ୍‌କେ ଖେଳ ପଡିଆରେ ପହଞ୍ଚିଥିଲା। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ପ୍ରାଥମିକ ଶିକ୍ଷକ ସଂଘ, ନୂଆଦିଲ୍ଲୀ ଉପସଭାପତି ରାମ ଅବତାର ପାଣ୍ଡେ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନୀଳକଣ୍ଠ ବେହେରା, ମୁଖ୍ୟବକ୍ତା ଅମଲା ସଂଘ ସଭାପତି ଶ୍ୟାମସୁନ୍ଦର ନାୟକ ଯୋଗଦେଇ ନୂତନ ପେନ୍‌ସନ ଓ ପୁରାତନ ପେନ୍‌ସନରେ ଥିବା ତାରତମ୍ୟ ବିଷୟରେ ବୁଝାଇବା ସହ ପୁରୁଣା ପେନ୍‌ସନ ଲାଗୁ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଥିଲେ। ଯୁଗ୍ମ ସମ୍ପାଦକ ଯତିନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଲୋକନାଥ ସାହୁ, ଜିଲ୍ଲା ପୂର୍ବତନ ସଭାପତି ଅଜୟ କୁମାର ସ୍ୱାଇଁ, ଜିଲ୍ଲା ସମ୍ପାଦକ ସନ୍ଦୀପ ଦାସ, କାର୍ଯ୍ୟାଳୟ ପରିଚାଳନା ସମ୍ପାଦକ ଲକ୍ଷ୍ମଣ ବେହେରା, କେନ୍ଦ୍ରୀୟ ସଦସ୍ୟ ପୂର୍ଣଚନ୍ଦ୍ର ଖଣ୍ଡପାଣି, ଅନୁସୂଚିତ ଜାତି ଜନଜାତି ଜିଲ୍ଲା ସଭାପତି ବିଶ୍ୱନାଥ ଶବର ଓ ସମ୍ପାଦକ ଇର୍ମା ପଡିଆମି ପ୍ରମୁଖ ଯୋଗଦେଇ ପୁରୁଣା ପେନ୍‌ସନ ପାଇଁ ବହୁବିଧ ମତ ରଖିଥିଲେ। ଓପିଏସ୍ ଲାଗୁ କରିବା ପାଇଁ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଶେଷରେ କୋରୁକୋଣ୍ଡା ବ୍ଲକ କ୍ୟାଡର ଶିକ୍ଷକ ସଂଘ ସମ୍ପାଦକ ଭୀମ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସୀମାନ୍ତରେ ଆଇଇଡି ବିସ୍ଫୋରଣ, ଜଣେ ଯବାନ ଆହତ

ମାଲକାନଗିରି, ୨୦ା୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲ୍ଲା ଅରନପୁର ଥାନା ଅଞ୍ଚଳରେ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ଆଇଇଡି ବିସ୍ଫୋରଣ ହୋଇ ଜଣେ ଯବାନ ଆହତ ହୋଇଛନ୍ତି। ସୂଚନା ମୁତାବକ ଅରନପୁର ଥାନା ଅଞ୍ଚଳରେ ୨୩୧ ବାଟାଲିୟନ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ କମାରଗୁଡା ଗ୍ରାମ ନିକଟ ଜଙ୍ଗଲରେ ଆଇଇଡି ବିସ୍ଫୋରଣ ହୋଇଥିଲା। ଫଳରେ ଜଣେ ଯବାନ ଆହତ ହୋଇଥିବା ବେଳେ ତାଙ୍କର ଗୋଟିଏ ଗୋଡ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ସୂଚନା ମିଳିଛି। ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ପୋଲିସ କହିଛି।

## ବାଲିମେଳା ଏନ୍‌ଏସିର ସ୍ୱଚ୍ଛ ଚର୍ଚ୍ଚା ଦିବସ



ସ୍ୱଚ୍ଛ ଚର୍ଚ୍ଚା ଦିବସରେ ମଞ୍ଚାସୀନ ଅତିଥି।

ବାଲିମେଳା, ୨୦ା୯ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ପକ୍ଷରୁ ନଗରପାଳ ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ବୁଧବାର ସହର କଲ୍ୟାଣ ମଣ୍ଡପରେ ସ୍ୱଚ୍ଛ ଚର୍ଚ୍ଚା ଦିବସ ପାଳିତ ହୋଇଯାଇଛି। ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଜଳବିଦ୍ୟୁତ୍ କେନ୍ଦ୍ର ଜେନେରାଲ ମ୍ୟାନେଜର କୃପାସିନ୍ଧୁ ବିଶ୍ୱାଳ, ଅତିରିକ୍ତ ମାନବ ସମ୍ବଳ ଅଧିକାରୀ ଦୁର୍ଗା ପ୍ରସାଦ ନାୟକ, ଏଏସ୍‌ଆଇ ସଞ୍ଜିତ କୁମାର ଟାକ୍ରି, ଏନ୍‌ଏସି ପରିମଳ ବିଶେଷଜ୍ଞ ଲିଙ୍ଗରାଜ ପାଳ, ପାରିଷଦର ସମସ୍ତ ସଭ୍ୟାସଭ୍ୟ, କର୍ମଚାରୀ, ସ୍ୱଚ୍ଛସାଥୀ ଓ ସ୍ୱଚ୍ଛକର୍ମୀଙ୍କ ସମେତ ସମସ୍ତ ସଫେଇ ମିତ୍ର ଉପସ୍ଥିତ ଥିଲେ। ସ୍ୱଚ୍ଛ ଚର୍ଚ୍ଚା ଦିବସ ପାଳନ ଅବସରରେ ଏନ୍‌ଏସି ପକ୍ଷରୁ ପ୍ରଥମେ ସହରରେ ଥିବା ଶିଶୁ ଉଦ୍ୟାନ ପରିସରକୁ ସଫା କରାଯାଇଥିଲା। ପରେ କଲ୍ୟାଣ ମଣ୍ଡପରେ ସ୍ୱଚ୍ଛ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଏନ୍‌ଏସି ପକ୍ଷରୁ ବଡ଼ାଖାନାର ଆୟୋଜନ କରାଯାଇଥିଲା। ସହରରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ଦିବସ ପାଳନ କରାଯିବ ବୋଲି ନିର୍ବାହୀ ଅଧିକାରୀ ରଥ କହିଛନ୍ତି।

# ଅଞ୍ଚଳର ବିକାଶ ପାଇଁ ସୁରକ୍ଷା କର୍ମୀଙ୍କ ପୂଜାର୍ଚ୍ଚନା

ମାଲକାନଗିରି, ୨୦ା୯ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ସୁକୁମା ଜିଲ୍ଲା ସହ ବିଜାପୁର, ଦାନ୍ତେୱାଡା, ନାରାୟଣପୁର, କାଙ୍କେର ଆଦି ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ଦୈନିକ କିଛି ନା କିଛି ଅଘଟଣ ଘଟୁଛି। ସୀମାନ୍ତ ସୁକ୍‌ମା ଜିଲ୍ଲାରେ ବିଭିନ୍ନ ସିଆର୍‌ପିଏଫ୍, ବିଏସ୍‌ଏଫ୍ ଓ ପୋଲିସ କ୍ୟାମ୍ପ ଗୁଡିକରେ ଗଣେଶଙ୍କ ନିକଟରେ ଶାନ୍ତି ଫେରିବା ସହ ଅଞ୍ଚଳର ବିକାଶ, ଆର୍ଥିକ ସ୍ଥିତି ସୁଦୃଢ, ମାଓବାଦୀ ଓ ମାଓବାଦୀ ସମର୍ଥକମାନେ ସମାଜର ମୁଖ୍ୟ ସ୍ରୋତକୁ ଫେରି ଆସିବା ପାଇଁ ପୂଜାର୍ଚ୍ଚକନା ସହ ପ୍ରାର୍ଥନା କରାଯାଇଛି। ଏହି ଉପଲକ୍ଷେ ସୁକ୍‌ମା ଜିଲ୍ଲା ସବ୍ରୀନଗରରେ ସିଆର୍‌ପିଏଫ୍ ୨ୟ ବାଟାଲିୟନ କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟ ପରିସରରେ ଗଣେଶ ପୂଜା ପାଳିତ ହୋଇଯାଇଛି। ସେହିପରି ଦାନ୍ତେୱାଡା ଅରନପୁର, ବିଜାପୁର ଜିଲ୍ଲାରେ ଥିବା ବିଭିନ୍ନ ସୁରକ୍ଷା କର୍ମୀଙ୍କ କ୍ୟାମ୍ପ, କାଙ୍କେର, ନାରାୟଣପୁର, ବି. କ୍ୟାମ୍ପ ଫୁଲବାଗଡି, ସି କ୍ୟାମ୍ପ, ଗାଦିରସ, ଇ କ୍ୟାମ୍ପ, କୋରା, ଏଫ୍ କ୍ୟାମ୍ପ ରାମରାମ ଏବଂ ଜି. କ୍ୟାମ୍ପ ଗର୍ଗୁଣ୍ଡା ଆଦି ସ୍ଥାନରେ ଥିବା ସମସ୍ତ ସୁରକ୍ଷା କର୍ମୀ କ୍ୟାମ୍ପରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସିଆର୍‌ପିଏଫ ଦ୍ୱିତୀୟ କମାଣ୍ଡିଂ ଅଫିସର ପବନ କୁମାର, ଅନାମୀ ଶରଣ, ଡି କମାଣ୍ଡଣ୍ଟ ଟି. ସାମସନ୍ ରାଜୁ, କମାଣ୍ଡାଣ୍ଟ ରାଜୈନ୍ଦ୍ରେ କୁମାର ସାହାଙ୍କ ସହ ଅନ୍ୟ ଅଧିକାରୀ ଓ ଯବାନ ମାନେ ଉପସ୍ଥିତ ଥିଲେ।

## ବିଶ୍ୱକର୍ମା ଭସାଣି ଉତ୍ସବ

ବାଲିମେଳା, ୨୦ା୯ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ଟିପିଏସ୍ ଓ ଡିଏଲ୍ ବିଭାଗର କନିଷ୍ଠଯନ୍ତ୍ରୀ ଓ ଅଧିକାରୀଙ୍କ କାର୍ଯ୍ୟାଳୟ, ଜଳବିଦ୍ୟୁତ୍ କେନ୍ଦ୍ର, ବାଲିମେଳା ସହରରେ ଥିବା ରାଜମିସ୍ତ୍ରି ନିର୍ମାଣ ସଂଘ ପକ୍ଷରୁ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱକର୍ମାଙ୍କ ପୂଜା ବୁଧବାର ଶେଷ ହୋଇଛି। ସନ୍ଧ୍ୟାରେ ଦେବଶିଳ୍ପୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ୩ କାର୍ଯ୍ୟାଳୟର ମୂର୍ତ୍ତିକୁ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର,ନୃତ୍ୟ ଏବଂ ଆତସବାଜିର ତାଳେ ତାଳେ ପୃଥକ୍ ଭାବେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ ୨ ବିଭାଗରେ କାର୍ଯ୍ୟରତ ଥିବା ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଓ ରାଜମିସ୍ତ୍ରି ନିର୍ମାଣ ସଂଘର ସମସ୍ତ ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ଯୋଗ ଦେଇଥିଲେ। ଓର୍କେଲ ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯାଇଥିଲା।

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଘଡ଼େଇ ଆବାସିକ ବିଜ୍ଞାନ ମହାବିଦ୍ୟାଳୟ**

ମାଲକାନଗିରି, ୨୦ା୯ (ଦୁର୍ଯ୍ୟୋଧନ ପାତ୍ର)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅତିଥିମାନେ।

ମାଲକାନଗିରି ଜିଲ୍ଲା ସଦର ମହକୁମା ଘଡ଼େଇ ଆବାସିକ ବିଜ୍ଞାନ ମହାବିଦ୍ୟାଳୟରେ ବୁଧବାର ଯୁକ୍ତ ୨ ରେ ନାମ ଲେଖାଇଥିବା ନବାଗତ ଛାତ୍ରୀଛାତ୍ରୀମାନଙ୍କୁ ପବିତ୍ର ନୂଆଖାଇ ଅବସରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଘଡ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମି, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର, ଘଡ଼େଇ ମହାବିଦ୍ୟାଳୟ ଯୁକ୍ତ ୩ ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ, ଯୁକ୍ତ ୨ ଅଧ୍ୟକ୍ଷ ସତ୍ୟବ୍ରତ ସାମଲ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସମ୍ବନ୍ଧରେ କହିଥିଲେ। ଉଚ୍ଚ ବିଦ୍ୟାଳୟ ପରେ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବାରୁ ଛାତ୍ରୀଛାତ୍ରଙ୍କ ବିଭିନ୍ନ କ୍ଷେତ୍ରରେ ଗୁରୁଦାୟିତ୍ୱ ଅଛି। ବରିଷ୍ଠ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନ ଦେବା ସହ ବରିଷ୍ଠମାନେ କନିଷ୍ଠଙ୍କୁ ନିଜର ଭାଇ ଭଉଣୀ ଭାବି ସ୍ନେହ ଏବଂ ଆଦର କରି କଲେଜର ନିୟମ, ଆଚରଣ, ଉଚ୍ଚାରଣ, ଶିକ୍ଷା ଗ୍ରହଣ, ମହାବିଦ୍ୟାଳୟ ପରିସରର ପରିବେଶ ସହ ନିଜର ଶରୀର ପ୍ରତି ଯତ୍ନବାନ ହେବାପାଇଁ ପରାମର୍ଶ ଦିଆଯାଇଥିଲା। ଏହି ମହାବିଦ୍ୟାଳୟରେ ୬୫୦ ଛାତ୍ରୀଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ପ୍ରତିବର୍ଷ ବାର୍ଷିକ ଫଳାଫଳ ପ୍ରାୟ ଶତ ପ୍ରତିଶତ ହୋଇ ଜିଲ୍ଲା ତଥା ବାହାରେ ସୁନାମ ଅର୍ଜନ କରୁଥିବାରୁ ଏହା ଛାତ୍ରୀଛାତ୍ରଙ୍କ ପରିଶ୍ରମର ଫଳ ବୋଲି ଘଡ଼େଇ ପ୍ରକାଶ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

